e- Mail - khurda_municipality@yahoo.co.in
Phone No-06755-220674

# ପୌର ପରିଷଦ କାର୍ଯ୍ୟାଳୟ , ଖୋର୍ଦ୍ଧା

## OFFICE OF THE MUNICIPAL COUNCIL: KHORDHA

H & UD Department, Govt. of Odisha
Khordha-752055

ବିଜ୍ଞାପନ ନଂ. 3172 / ତା. 13/×/22/

## ନିଲାମ ନୋଟିସ

ଏତଦ୍ଵାରା ଖୋର୍ଦ୍ଧା ପୌରାଚଂଳର ସର୍ବସାଧାରଣମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ପୌରାଚଂଳ ମଧ୍ଯରେ ଥିବା ନିମ୍ନଲିଖିତ ପୋଖରୀମାନଙ୍କରେ ମାଛଚାଷ ପାଇଁ ପ୍ରକାଶ୍ୟ ନିଲାମ ମାଧ୍ୟମରେ ଇଜରା ଦିଆଯିବ । ଏହି ନିଲାମ ଆସନ୍ତା ତା. ୧୮.୧୦.୨୨ ପୂର୍ବାହ୍ନ ଘ.୧୧.୦୦ମି. ସମୟରେ ପରିଷଦ କାର୍ଯ୍ୟାଳୟଠାରେ ପ୍ରକାଶ୍ୟ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ନିର୍ଦ୍ଧାରିତ ସମୟ ଓ ତାରିଖରେ ଉପସ୍ଥିତ ରହି ଇଜରା ଭିତିକ ନିଲାମ ଡାକରେ ଅମାନତ ଦାଖଲ କରି ଭାଗ ନେଇ ପାରିବେ । ଏଥିନିମନ୍ତେ ମହିଳା ସ୍ଵୟଂ ସହାୟକ ଗୋଷ୍ଠୀମାନଙ୍କୁ ପ୍ରାଧାନ୍ୟ ଦିଆଯିବ ।

## ନିଲାମ ସର୍ତାବଳୀ

୧. ନିଲାମ ଡାକିବାକୁ ଇଚ୍ଛୁକ ବ୍ୟକ୍ତି ଅମାନତ ସ୍ଵରୂପ ନିମ୍ନମତେ କୋଷାଧ୍ୟକ୍ଷଙ୍କ ନିକଟରେ ତା. ୧୮.୧୦.୨୨ ରିଖ ପୂର୍ବାହ୍ନ ଘ.୧୧.୦୦ମି. ପୂର୍ବରୁ ଦାଖଲ କରି ଓ ନିଜର ଭୋଟର ପରିଚୟ ପତ୍ରର ସହି-ନକଲ ଦେଇ ନିଲାମ ଡାକରେ ଅଂଶ ଗ୍ରହଣ କରିପାରିବେ । ସର୍ବୋଚ୍ଚ ଡକାଳିଙ୍କ ବ୍ୟତୀତ ଅନ୍ୟମାନଙ୍କର ଅମାନତ ଟଙ୍କା ୭ (ସାତ) ଦିନ ପରେ ଫେରସ୍ତ ଦିଆଯିବ । ଆବଶ୍ୟକ ସ୍ଥଳେ ୨ୟ ଓ ୩ୟ ଡକାଳିଙ୍କ ଅମାନତ ଟଙ୍କା ରଖାଯାଇପାରେ । ଇଜରାଦାରଙ୍କ ଅମାନତ ପୋଖରୀ ଛାଡିବା ପରେ ଫେରସ୍ତ ଦିଆଯିବ । ଉକ୍ତ ଇଜରା ତା.୦୧.୧୧.୨୦୨୨ ରିଖ ଠାରୁ ୩୧.୧୦.୨୦୨୫ ରିଖ ପର୍ଯ୍ୟନ୍ତ ଅଥବା ନିମ୍ନଲିଖିତ ପୋଖରୀଗୁଡ଼ିକର ପୂର୍ବ ଇଜରାର ମିଆଦ ଗତେ କାଏମ ରହିବ ।

୨. ସର୍ବୋଚ୍ଚ ଇଜରାଦାର ଡାକପରେ ସମସ୍ତ ଟଙ୍କା ସଙ୍ଗେ ସଙ୍ଗେ ଦାଖଲ ଦେଲେ ଇଜରା ଦୃଢୀକରଣ ନିମନ୍ତେ ସୁପାରିସ କରାଯିବ । ନଚେତ ଦାଖଲ କରିଥିବା ଅମାନତ ଟଙ୍କାକୁ ବ୍ୟାଜ୍ୟାପ୍ତି କରି ଆବଶ୍ୟକ ସ୍ଥଳେ ୨ୟ ଓ ୩ୟ ସର୍ବୋଚ୍ଚ ଡକାଳିଙ୍କୁ ଏହି ସୁବିଧା ଦିଆଯିବ ।

୩. ଇଜରା ପରେ ନିଜ ଖର୍ଚ୍ଚରେ ପୋଖରୀ ପରିଷ୍କାର ଓ ରକ୍ଷଣାବେକ୍ଷଣ କରିବେ ପୋଖରୀର କୌଣସି ଅଂଶ ନଷ୍ଟ କରିବେ ନାହିଁ । ଏହି ସର୍ତ ଖିଲାପ କଲେ ଇଜରା ବାତିଲ କରାଯାଇ ଅମାନତ ବ୍ୟାଜ୍ୟାପ୍ତି କରାଯିବ ଏବଂ ଏହି ପୋଖରୀ ପୁନର୍ବାର ନିଲାମ କରାଯିବ ।

୪. ଇଜରାଦାର ନିଜ ଖର୍ଚ୍ଚରେ ପରିଷଦ ସହିତ ଏକ ଚୁକ୍ତିନାମା ସଂପାଦନା କରିବେ ଏହି ଚୁକ୍ତିନାମା ଆଦେଶ ପାଇବାର ୭ (ସାତ) ଦିନ ମଧ୍ୟରେ ଇଜରାଦାର ନିର୍ବାହୀ ଅଧିକାରୀଙ୍କ ଆଗରେ ସ୍ଵାକ୍ଷର କରି ୱାର୍କ ଅର୍ଡ଼ର ନେବେ । ଅନ୍ୟଥା ନିଲାମ ବାତିଲ କରାଯାଇ ସାନି ନିଲାମ କରାଯିବ ।

୫. କର୍ତୃପକ୍ଷ ସର୍ବୋଚ୍ଚ ଡାକ ଗ୍ରହଣ କରିବା ପାଇଁ ବାଧ ନୁହଁନ୍ତି ଏବଂ କୌଣସି କାରଣ ନ ଦର୍ଶାଇ ନିଲାମ ବାତିଲ କରି ପାରିବେ ।

| କ୍ର.ନଂ | ପୋଖରୀର ନାମ | ମୌଜା | ଅମାନତ ଅର୍ଥ | ନିଲାମତାରିଖ |
|---|---|---|---|---|
| ୧. | କାହ୍ନୁସାଗର ପୋଖରୀ | ଜଜାରସିଂହ | ଟ.୨,୦୦୦/- | |
| ୨. | ହରିଚନ୍ଦନ ପୋଖରୀ | ଜଜାରସିଂହ | ଟ.୨,୦୦୦/- | ” |
| ୩. | ଧୋବାସାହି ପୋଖରୀ | ଜଜାରସିଂହ | ଟ. ୨,୦୦୦/- | ” |
| ୪. | ସାରଙ୍ଗ ମାର୍ଥା ପୋଖରୀ | ଗଡ଼ଖୋର୍ଦ୍ଧା | ଟ.୨,୦୦୦/- | ” |
| ୫. | ତଳ ଜାଉଁଳି ପୋଖରୀ | ଗଡ଼ଖୋର୍ଦ୍ଧା | ଟ.୨,୦୦୦/- | ” |
| ୬. | ବକ୍ସି ପୋଖରୀ | ଗଡ଼ଖୋର୍ଦ୍ଧା | ଟ. ୨,୦୦୦/- | ” |
| ୭. | ବକ୍ସି ପୋଖରୀ | ଗୁରୁଜଙ୍ଗ | ଟ. ୨,୦୦୦/- | ” |

(ସ୍ଵାକ୍ଷର)
ନିର୍ବାହୀ ଅଧିକାରୀ
ଖୋର୍ଦ୍ଧା ପୌର ପରିଷଦ

ଉପପତ୍ର ସଂ 3173/ ତା. 13/×/22/

ଏହାର ଏକକିତା ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡ଼ / କୋଷାଧ୍ୟକ୍ଷଙ୍କ ଅବଗତି ଓ ଢ଼ାକବାଜି ଯନ୍ତ୍ର ଦ୍ଵାରା ଉକ୍ତ ଅଂଚଳରେ ଜଣାଇଦେବା ବ୍ୟବସ୍ଥା କରିବା ପାଇଁ ପ୍ରେରଣ କରାଗଲା ।

(ସ୍ଵାକ୍ଷର)
ନିର୍ବାହୀ ଅଧିକାରୀ
ଖୋର୍ଦ୍ଧା ପୌର ପରିଷଦ